# ଓଡ଼ିଶା ବିଧାନସଭା

## ତୃତୀୟ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨ ଅପ୍ରେଲ୍, ୨୦୨୫

----

**[କୃଷି ଓ କୃଷକ ସଶକ୍ତିକରଣ - ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ - ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ - ଶକ୍ତି - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ - ସମବାୟ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ବିଜ୍ଞାନ ଓ କାରିଗରୀ ].**

**ମୋଟ ପ୍ରଶ୍ନର ସଂଖ୍ୟା 30**

----

### ବୈଜ୍ଞାନିକ ପଦ୍ଧତିରେ ଚାଷ କାମ

***୬୨୧ ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସମଗ୍ର ଦେଶରେ କୃଷି କ୍ଷେତ୍ରରେ ବୈଜ୍ଞାନିକ ପଦ୍ଧତିରେ ଚାଷ କରି ଏକ ବୈପ୍ଳବିକ ପରିବର୍ତ୍ତନ ଆସୁଥିବା ଲକ୍ଷ୍ୟ କରାଯାଉଥିବା ବେଳେ ରାଜ୍ୟରେ କେଉଁ ଜିଲ୍ଲାରେ କେଉଁ ଚାଷ ପ୍ରତି ବୈଜ୍ଞାନିକ ପଦ୍ଧତି ଓ ଆଧୁନିକ ପ୍ରଣାଳୀରେ ଚାଷ କରିବାକୁ ତାଲିମ ଓ ପ୍ରୋତ୍ସାହନ ଦିଆଯାଉଛି ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

### ଅଟା, ସୁଜି ଓ ମଇଦା ସାମଗ୍ରୀର ଦର ନିୟନ୍ତ୍ରଣ ପାଇଁ ପଦକ୍ଷେପ

***୬୨୨ ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବାର୍ଷିକ କେତେ ପରିମାଣର ଗହମ, ଅଟା, ସୁଜି, ମଇଦା ଆବଶ୍ୟକ ଓ ଏଥିରୁ କେତେ ପରିମାଣ ସାମଗ୍ରୀ କେଉଁ କେଉଁ ରାଜ୍ୟରୁ ଆମଦାନୀ ହେଉଛି, ରାଜ୍ୟରେ ଗହମ ଓ ଗହମଜାତ ସାମଗ୍ରୀର ଦର ବୃଦ୍ଧି ପାଇଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ହଁ, ତେବେ ଏହିସବୁ ସାମଗ୍ରୀର ଦର ବର୍ତ୍ତମାନ ବଜାରରେ କେତେ ରହିଛି ଏବଂ ଦର ନିୟନ୍ତ୍ରଣ ପାଇଁ ସରକାର କି କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପ୍ରାଣୀଧନ ନୀରିକ୍ଷଣ କେନ୍ଦ୍ର ଗୁଡ଼ିକୁ ଆଧୁନିକୀକରଣ

***୬୨୩ ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ପ୍ରାଣୀଧନ ନୀରିକ୍ଷଣ କେନ୍ଦ୍ର ଗୁଡ଼ିକୁ ଆଧୁନିକୀକରଣ ଓ ସମ୍ପ୍ରସାରଣ ପୂର୍ବକ ସେଠାରେ ଉନ୍ନତମାନର ପ୍ରାଣୀ ଚିକିତ୍ସା ବ୍ୟବସ୍ଥା ସମ୍ପାଦନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି; ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଛି; ଏବଂ (ଖ) ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀର ଆଗ୍ରାହାଟଠାରେ ଏକ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଖୋଲିବାକୁ ସରକାର ବ୍ୟବସ୍ଥା କରିବେ କି ?

----

## ଶସ୍ୟବୀମାରେ ଅନ୍ତର୍ଭୁକ୍ତ ଚାଷୀମାନଙ୍କ ସଂଖ୍ୟା

***୬୨୪ ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ଅଦିନିଆ ବର୍ଷା ପରିପେକ୍ଷୀରେ ଚଳିତ ବର୍ଷ ଋଣ ଯୋଗାଣ, ଋଣ ସୁଝିବା ଓ ସୁଧ ରିହାତି ବାବଦରେ କ'ଣ କ'ଣ ପଦକ୍ଷେପ ନିଆଯାଉଛି ଏକ ବିବରଣୀ ପ୍ରଦାନ କରିବେ କି, (ଖ) ଅଦିନିଆ ବର୍ଷା ଅଂଚଳରେ ଶସ୍ୟବୀମାର ରୂପରେଖ କ'ଣ ହେବ ଓ କ୍ଷତିଗ୍ରସ୍ତ ଚାଷୀମାନେ ଶସ୍ୟବୀମା ପାଇବା ପାଇଁ ହକଦାର ହେବେ ନା ନାହିଁ , ବର୍ତ୍ତମାନ ସୁଦ୍ଧା କେତେ ଜଣ ଚାଷୀ ଶସ୍ୟ ବୀମା ପାଇଛନ୍ତି ?

----

## OERC ର ବିଭିନ୍ନ ବିତରଣ କମ୍ପାନୀ ମାନଙ୍କ କ୍ଷତି ହ୍ରାସ

***୬୨୫ ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- OERC ବିଭିନ୍ନ ବିତରଣ କମ୍ପାନୀ ମାନଙ୍କର ଶୁଣାଣି କରି T & D କ୍ଷତି ହ୍ରାସ ନିମନ୍ତେ କେଉଁ କେଉଁ କମ୍ପାନୀମାନଙ୍କୁ ୨୦୧୯-୨୦ ଠାରୁ ୨୦୨୩ -୨୪ ପର୍ଯ୍ୟନ୍ତ କେତେ କେତେ ଶତାଂଶରେ ସୀମିତ ରଖିବାକୁ ନିର୍ଦ୍ଧାରଣ କରିଥିଲେ ଓ ଏହି ସମୟ ମଧ୍ୟରେ ସମ୍ପୃକ୍ତ କମ୍ପାନୀମାନେ କି କି ପ୍ରଦର୍ଶନ କରିଛନ୍ତି ତାର ଏକ ବିଶଦ ବିବରଣୀ ଦେବେ କି; ୨୦୨୪ - ୨୫ ରେ ଏହି T & D କ୍ଷତିର ସର୍ବୋଚ୍ଚ ସୀମା କେଉଁ କେଉଁ କମ୍ପାନୀମାନଙ୍କ ପାଇଁ କେତେ କେତେ ଶତାଂଶ ନିର୍ଦ୍ଧାରଣ କରାଯାଇଛି?

----

## ରାଉରକେଲା ଅଞ୍ଚଳରେ ବସ୍ତ୍ର ଓ ହସ୍ତତନ୍ତ ଉତ୍ପାଦନ ବୃଦ୍ଧି

***୬୨୬ ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଉରକେଲା ଏବଂ ଏହାର ଆସପାସର ଅଞ୍ଚଳରେ ହସ୍ତତନ୍ତ ଓ ବସ୍ତ୍ର ଉପଜିବୀମାନଙ୍କ ପାଇଁ କେତେ ଆର୍ଥିକ ସହାୟତା ଦିଆଯାଇଛି ; ଏହା ଗତ ୩ ବର୍ଷରେ କିପରି ବିନିଯୋଗ ହୋଇଛି; ରାଉରକେଲାରେ ହସ୍ତତନ୍ତ ଏବଂ ବସ୍ତ୍ର ଉନ୍ନୟନ ପାଇଁ କେଉଁ କେଉଁ କେନ୍ଦ୍ର ସରକାରୀ ଏବଂ ରାଜ୍ୟ ସରକାରୀ ଯୋଜନାକୁ ଲାଗୁ ହୋଇଛି ; ଏବଂ ଏହି ଅଞ୍ଚଳରେ କେତେ ହସ୍ତଶିଳ୍ପୀ ଏବଂ ବୁଣାକାର ଏହାର ଲାଭ ପାଇଛନ୍ତି ; ରାଉରକେଲା ଅଞ୍ଚଳରେ ବସ୍ତ୍ର ଓ ହସ୍ତତନ୍ତ ଉତ୍ପାଦନ ବୃଦ୍ଧି ଏବଂ ବଜାର ସୁଯୋଗ ଯୋଗାଇ ଦେବା ପାଇଁ କେଉଁ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି?

----

### Promote Dahibara Aloodum originated from Cuttack

*୬୨୭ **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) With reference to SAQ 187 dated 31.07.2024, what steps are being taken by the government to promote Dahibara Aloodum, a dish that originated from Cuttack and holds cultural and economic significance, (b) Whether the government plans to allocate funds to support local vendors involved in selling Dahibara Aloodum and provide them with necessary infrastructure and facilities, Whether the government, in collaboration with local authorities, will establish dedicated Dahibara Aloodum zones to boost tourism and livelihood opportunities for local vendors ?

----

### ମୃତ୍ତିକା ସଂରକ୍ଷଣ ଏବଂ ଜଳବିଭାଜିକା ଉନ୍ନୟନ ବିଭାଗ ଦ୍ୱାରା ପ୍ରକଳ୍ପ କାର୍ଯ୍ୟ

*୬୨୮ **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ଉନ୍ନୟନ ବିଭାଗ ଦ୍ୱାରା ବିଗତ ୨୦୨୦-୨୧ ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ତୁରେକେଲା ବ୍ଲକର କେଉଁ କେଉଁ ଗ୍ରାମରେ କେଉଁ ଯୋଜନା ଅନ୍ତର୍ଗତ ଉନ୍ନୟନ ପ୍ରକଳ୍ପ ଫାର୍ମ ପଣ୍ଡ, ମୃତ୍ତିକା ସଂରକ୍ଷଣ ପ୍ରକଳ୍ପ ତଥା ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ କରାଯାଇଛି ଓ କେତେକ ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅଛି ଏବଂ କେଉଁ କେଉଁ ହିତାଧିକାରୀଙ୍କୁ ସାମିଲ କରାଯାଇଅଛି, ତାହାର ପ୍ରକଳ୍ପ ନାମ ସହ ଗ୍ରାମ ୱାରୀ ସଂମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବେ କି, (ଖ) ତୁରେକେଲା ବ୍ଲକରେ ଉକ୍ତ ବିଭାଗର କେଉଁ କେଉଁ ଅଧିକାରୀ କେଉଁ ବର୍ଷରୁ କାର୍ଯ୍ୟରତ ଅଛନ୍ତି, ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି, ତୁରେକେଲା ବ୍ଲକରେ ଅନେକ ପ୍ରକଳ୍ପ ଗୁଡିକର ନିର୍ମାଣ କାର୍ଯ୍ୟରେ ବହୁ ମାତ୍ରାରେ ଅନିୟମିତତା ହୋଇଥିବାର ଅଭିଯୋଗ ଦୃଷ୍ଟିକୁ ଆସିଅଛି କି, ଯଦି ହଁ, ତେବେ ବିଗତ ୫ବର୍ଷରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପ କାର୍ଯ୍ୟର ବିଭାଗୀୟ ଆର୍ଥିକ ଅଡିଟ୍ କରିବାକୁ ପଦକ୍ଷେପ ନେବେ କି ?

----

### ରିଟେଲ ମାନଙ୍କ ମାଧ୍ୟମରେ ଖାଉଟି ସାମଗ୍ରୀ ବଣ୍ଟନ

*୬୨୨ **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପୂର୍ବରୁ ଖାଉଟି ସାମଗ୍ରୀ ରିଟେଲର ମାନଙ୍କ ମାଧ୍ୟମରେ ଗ୍ରାମାଞ୍ଚଳ ସହିତ ସହରାଞ୍ଚଳର ପ୍ରତ୍ୟେକ ୱାର୍ଡରେ ଆବଣ୍ଟିତ ହୋଇଥିଲା ବେଳେ ପରବର୍ତ୍ତୀ ଅବସ୍ଥାରେ ସରକାର ପଞ୍ଚାୟତ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଖାଉଟି ସାମଗ୍ରୀ ବଣ୍ଟନ ଦାୟିତ୍ୱ ପ୍ରଦାନ କରିଥିବା ବେଳେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ୫/ ୭ ଟି ଗ୍ରାମବାସୀଙ୍କୁ ଖାଉଟି ସାମଗ୍ରୀ ପ୍ରଦାନ କରୁଛନ୍ତି ଓ ଲୋକେ ଦୂରବାଟ ଯାଇ ଖାଉଟି ସାମଗ୍ରୀ ଆଣିବାରେ ସମସ୍ୟାର ସମ୍ମୁଖୀନ ହେଉଥିବା ପରିପ୍ରେକ୍ଷୀରେ ପୂର୍ବବତ୍ ରିଟେଲର ମାନଙ୍କ ମାଧ୍ୟମରେ ଖାଉଟି ସାମଗ୍ରୀ ସୁଚାରୁ ରୂପେ ବଣ୍ଟନ ଦାୟିତ୍ୱ ନିର୍ବାହ ନିମନ୍ତେ ପଦକ୍ଷେପ ଗ୍ରହଣ କରିବେ କି ?

----

## Modernize Odisha's Fisheries Sector

*700 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Could the Govt. detail the current steps taken by the government to modernize Odisha's fisheries sector, including the adoption of advanced fishing technologies, infrastructure development (e.g., cold storage, processing units), and digital tools for market linkage, what measures are being implemented to promote sustainable fishing practices, such as regulating overfishing, protecting marine ecosystems, and expanding aquaculture (e.g., shrimp farming) while minimizing environmental impact ?

----

## ଗ୍ରାମକୁ ବିଦ୍ୟୁତ ସଂଯୋଗ

*701 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ଥିବା କେତୋଟି ରାଜସ୍ୱ ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇନାହିଁ, ସେସବୁ ଗ୍ରାମକୁ କେବେସୁଦ୍ଧା ବିଦ୍ୟୁତ୍ ସଂଯୋଗ ଦିଆଯିବ ଓ ସେଥିପାଇଁ କଣ ଯୋଜନା ଅଛି, ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ଗ୍ରାମକୁ ବିଦ୍ୟୁତକରଣ କରାଯାଇନାହିଁ ଓ ସେସବୁ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ପାଇଁ କଣ ଯୋଜନା ଅଛି, ସେହିଭଳି ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀରେ ଉପଭୋକ୍ତାଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ କେତେଜଣ କର୍ମଚାରୀ ବିଦ୍ୟୁତ୍ ବିଭାଗ ରଖିଛି ଓ କେଉଁ କେଉଁ ପଦ ଖାଲିଅଛି, ଖାଲି ପଦବୀ ପୂରଣ ପାଇଁ କଣ ଯୋଜନା ଅଛି ତାର ବିବରଣୀ ଦେବେ କି, ବିଦ୍ୟୁତ୍ ସରବରାହ ଠିକ୍ ପରିଚାଳନା ପାଇଁ କେତୋଟି ବୈଷୟିକ ଟିମ୍ ଆବଶ୍ୟକ ?

----

## Launched for Integrated Textiles Park

*702 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) As our weavers are hardworking and our State has inherent strength in textile sector; and inspite of the same, why we could not benefit from different Central Programmes like 'Apparel Park Scheme announced in-2002, scheme for 'Integrated Textiles Park' launched in, 2005 which supported development of common infrastructures and of late the PM Mega integrated Textile Regions and Apparel (PM- Mitra) scheme which requires integrated manufacturing facilities in one location and what is the way forward, (b) Will the Govt. Give details, of plans and schemes state government has, that seeks to streamline the Textiles value chain into one eco-system. taking in spinning, weaving and dyeing to printing and garment manufacturing, besides generating huge employment opportunities in the state if so the details there of, What are the steps taken and plan to turn Odisha into a prime- destination for textile production ?

----

## ବେକାର ଯୁବକ ଯୁବତୀମାନଙ୍କୁ ଆବଶ୍ୟକୀୟ Training ଦେବା

***703 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୋରାପୁଟ ଓ ମାଲକାନଗିରୀ ଜିଲ୍ଲାରେ ଥିବା କେତୋଟି ବୃହତ୍ତ ଓ ମଧ୍ୟମ ଶିଳ୍ପର ତଥ୍ୟ ପ୍ରଦାନ କରିବା ସହ ଏହାକୁ ଭିତ୍ତିକରି ଗଢ଼ି ଉଠିଥିବା Down stream industry ଏବଂ Ancillary Industry ଗୁଡ଼ିକର ନାମ ସହ ସ୍ଥାନରେ ତଥ୍ୟ ଦେବା ସହ ଅଧିକରୁ ଅଧିକ ସ୍ଥାନରେ ବେକାର ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ପ୍ରୋତ୍ସାହନ ଦେବା ସହ ଆବଶ୍ୟକିୟ Training ଓ ଜମି ଯୋଗାଇବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ଲିଚୁ ଚାଷ ଭିତ୍ତିଭୂମି ଉନୟନ

***704 ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡମ୍ବା ନିର୍ବାଚନ ମଣ୍ଡଳୀ ସମେତ ରାଜ୍ୟରେ ଲିଚୁ ଚାଷ ଭିତ୍ତିଭୂମି ଉନ୍ନୟନ ପାଇଁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## KYC ଦ୍ୱାରା ବାଦ ପଡିଥିବା ହିତାଧିକାରୀ

***705 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ସୁଦ୍ଧା ବାଲେଶ୍ୱର ଜିଲ୍ଲାରେ କେତେ ସଂଖ୍ୟକ ହିତାଧିକାରୀ E-KYC କରିଛନ୍ତି E-KYC ପ୍ରକ୍ରିୟାରେ କେତେ ସଂଖ୍ୟକ ହିତାଧିକାରୀ ବାଦ ପଡିଛନ୍ତି ତାହାର ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## କନ୍ଧମାଳ ଜିଲ୍ଲାରେ ମତ୍ସ୍ୟ ଚାଷ ପାଇଁ ପଦକ୍ଷେପ

***706 ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କନ୍ଧମାଳ ଜିଲ୍ଲାରେ ଅନେକ ବୃହତ ଜଳାଶୟ ଥିଲେ ମଧ୍ୟ ମତ୍ସ୍ୟ ଚାଷ ହେଉନଥିବାରୁ ଜନସାଧାରଣ ମାଛ ପାଇଁ ଜିଲ୍ଲା ବାହାର ଅଞ୍ଚଳ ଉପରେ ନିର୍ଭରଶୀଳ କନ୍ଧମାଳ ଜିଲ୍ଲାରେ ପର୍ଯ୍ୟାପ୍ତ ମତ୍ସ୍ୟ ଚାଷ କରିବା ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ କି ?

----

## Budget allocation marked for Kalahandi

***707 ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Govt. provide specific details as to what are the measures currently put in under the current budget by the government to augment non-conventional green energy in Kalahandi district and what budgetary allocation has been marked for Kalahandi in the state budget under this initiative ?

----

## ମାଣ୍ଡିଆ ରାଜ୍ୟ ବାହାରକୁ ରପ୍ତାନି

***708 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେବେ ମାଣ୍ଡିଆ ମିଶନ ଆରମ୍ଭ ହୋଇଥିଲା ଏବଂ ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ରାଜ୍ୟରେ କେତେ ହେକ୍ଟର ଜମିରେ ମାଣ୍ଡିଆ ଚାଷ ହୋଇ କେତେ ପରିମାଣର ମାଣ୍ଡିଆ ଉତ୍ପାଦନ ହେଉଛି, ଯୋଜନା କାର୍ଯ୍ୟକାରୀ ଠାରୁ ଏହାର ଏକ ବର୍ଷୱାରୀ ତାଲିକା ଦେବା ସହିତ ଉତ୍ପାଦିତ ମାଣ୍ଡିଆ ମଧ୍ୟରୁ ରାଜ୍ୟରେ କେତେ ପରିମାଣରେ କେଉଁଭଳି ଭାବେ ବ୍ୟବହାର ହେଉଛି ଓ ବଳକା ମାଣ୍ଡିଆ ରାଜ୍ୟ ବାହାରକୁ କେଉଁ କେଉଁ ସ୍ଥାନକୁ କେତେ ପରିମାଣରେ ରପ୍ତାନି ହେଉଛି , ଏହାର ଏକ ବର୍ଷୱାରୀ ତାଲିକା ଦେବେ କି ?

----

## ଟୋକନ ଅନୁସାରେ ଧାନ କିଣିବା

***709 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚାଷୀମାନଙ୍କୁ ଇସ୍ୟୁ କରାଯାଇଥିବା ଟୋକେନ ଅନୁସାରେ ସେମାନଙ୍କର ସମ୍ପୂର୍ଣ୍ଣ ଧାନ ସରକାର କିଣିବେ ବୋଲି ଘୋଷଣା କରିଥିବା ସତ୍ୟ କି ;ଯଦି ହଁ, ତେବେ ରାଜ୍ୟରେ ଇସ୍ୟୁ ହୋଇଥିବା ସମସ୍ତ ଟୋକେନ ମୁତାବକ ଧାନ ମଣ୍ଡି ଜରିଆରେ କିଣାଗଲେ ସମୁଦାୟ କେତେ ଲକ୍ଷ ଟନ ହେବ ଓ ଇତି ମଧ୍ୟରେ ( ମାର୍ଚ୍ଚ ୧୫/ ୨୦୨୫) ସୁଦ୍ଧା ସମୁଦାୟ କେତେ ଟନ କିଣା ସରିଛି ଅବଶିଷ୍ଟ ଧାନ ଟୋକେନ ମୁତାବକ କିଣିବାକୁ ସରକାର ଅତିରିକ୍ତ ଲକ୍ଷ୍ୟ ବଢ଼ାଇବେ କି ?

----

## ପ୍ରତ୍ୟେକ ଜିଲ୍ଲାପରିଷଦ ଜୋନରେ ପ୍ରାଣୀ ଚିକିତ୍ସାଳୟ ଖୋଲିବା

*710 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ ନେଇ ପ୍ରାଣୀ ଚିକିତ୍ସାଳୟ ଖୋଲାଯାଇଥିବା ଓ ଏଠାରେ ପ୍ରାଣୀଚିକିତ୍ସା ସମ୍ପାଦନରେ ସମସ୍ୟା ସୃଷ୍ଟି ହେଉଥିବା ପରିପ୍ରେକ୍ଷୀରେ ପ୍ରତ୍ୟେକ ସହରାଞ୍ଚଳରେ ପ୍ରାଣୀ ଚିକିତ୍ସାଳୟ ଖୋଲିବା ସହ ଗ୍ରାମାଞ୍ଚଳରେ ପ୍ରତ୍ୟେକ ଜିଲ୍ଲା ପରିଷଦ ଜୋନୱାରୀ ପ୍ରାଣୀ ଚିକିତ୍ସାଳୟ ଖୋଲିବାକୁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## କୁକୁଡା ପରିବହନ କରୁଥିବା ଯାନ ଉପରୁ ଟିକସ ଆଦାୟ ବନ୍ଦ କରିବା

*711 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କୁକୁଡା ଓ କୁକୁଡା ପରିବହନ କରୁଥିବା ଯାନ ଉପରୁ ନିୟନ୍ତ୍ରିତ ବଜାର କମିଟିଗୁଡିକ ଟିକସ ଆଦାୟ ବନ୍ଦ ନେଇ ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶନାମା ଜାରି ହୋଇଛି କି ; ଯଦି ହଁ, ତେବେ ଏ ସଂକ୍ରାନ୍ତୀୟ ତଥ୍ୟ ପ୍ରଦାନ କରିବା ସହିତ କେଉଁ ତାରିଖରେ କେଉଁ କେଉଁମାନଙ୍କ ଉଦ୍ଦେଶ୍ୟରେ ଏହା ଜାରି ହୋଇଛି ସେ ସଂକ୍ରାନ୍ତରେ ସବିଶେଷ ସୂଚନା ପ୍ରଦାନ କରିବେ କି?

----

## Sources of Power Generation

*712 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- How much coal is used for an overall Thermal power generation to meet the State's need and how much coal is being exported apart from domestic consumption; What the government is planning to move towards more cleaner source of power generation and what are the efforts being done to mitigate the pollution generated by the thermal power plant?

----

## Provide Pension for elderly Murti Karigars

*713 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the government has any scheme to provide pensions for elderly Murti Karigars and artisians from Shilpi Kumbhar Sahi ; (b) whether the government plans to offer special awards and recognition for their craftmanship, whether any initiatives have been taken for shilpi sambhardana to honour and support these artisians for preserving Odishas cultural heritage, whether the Murti Karigars are receiving benefits under the Mukhyamantri Baristha Bunakar and Karigara Sahayata Yojana, if not, will the department take steps to include them in the scheme ?

----

## ଶିଳ୍ପାଞ୍ଚଳ ବିକାଶ ନିମନ୍ତେ ଜମି ଅଧିଗ୍ରହଣ

*714 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଶିଳ୍ପାଞ୍ଚଳ ବିକାଶ ନିମନ୍ତେ ପ୍ରତି ଜିଲ୍ଲାମାନଙ୍କରେ Multi Product MSME Park ପ୍ରତିଷ୍ଠା ପାଇଁ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଅଦ୍ୟାବଧି କେଉଁ ଜିଲ୍ଲାର କେଉଁଠାରେ କେତେ ପରିମିତ ଜମି ଉପରେ କେତେ ଅର୍ଥ ବ୍ୟୟରେ ଏହା ସ୍ଥାପନ କରାଯିବା ପାଇଁ ସ୍ଥିର କରାଯାଇଅଛି ତାର ଜିଲ୍ଲାୱାରୀ ଏକ ତାଲିକା ଦେବା ସହ IDCO ତରଫରୁ କେଉଁ କେଉଁ ଜିଲ୍ଲାଗୁଡ଼ିକରେ ଏଥିପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି ଏବଂ ଏହି Multi Product MSME Park ଗୁଡ଼ିକ କେବେସୁଦ୍ଧା ସରିବା ନେଇ ଇଡ଼କୋ ସହ ଚୁକ୍ତି ହୋଇଛି ତାର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି ?

----

## କୃଷି ଓ କୃଷକର ଉନ୍ନତି ପାଇଁ ଅନୁଦାନ ପ୍ରଦାନ

*715 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ତିନିବର୍ଷରେ କୃଷି ଓ କୃଷକର ଉନ୍ନତି ପାଇଁ କଟକ ଜିଲ୍ଲାକୁ ଯୋଜନା ଓ ଅଣଯୋଜନା ବାବଦରେ କେତେ ଅନୁଦାନ ପ୍ରଦାନ କରାଯାଇଥିବା ବେଳେ ଏହି ଅର୍ଥକୁ କେଉଁ କେଉଁ ପ୍ରକଳ୍ପ ବାବଦରେ ବିନିଯୋଗ ହୋଇଛି, ବିଶେଷକରି ଚୌଦ୍ୱାର କଟକ ନିର୍ବାଚନମଣ୍ଡଳୀରେ କେଉଁ କେଉଁ କାର୍ଯ୍ୟ ସମ୍ପାଦନ ହୋଇଛି ତାହାର ପ୍ରକଳ୍ପୱାରୀ ବର୍ଷୱାରୀ ଖର୍ଚ୍ଚ ବିବରଣୀ ପ୍ରଦାନ କରିବେ କି ?

----

## Family eligible & covered under PDS system

*716 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What is the total number of target families eligible to be covered under the PDS system In

Kalahandi district and how many of them have been enrolled so far under the scheme ?

----

## ଅଧିକ ଦୁଗ୍ଧ ଶୀତଳିକରଣ ପ୍ଲାଣ୍ଟ ସ୍ଥାପନ

*717 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲେଶ୍ୱର ଜିଲ୍ଲାରେ ମୋଟ କେତେ ପରିମାଣ କ୍ଷୀର ଦୈନିକ ଉତ୍ପାଦନ ହେଉଛି, ଏହାର ହିସାବ ସରକାରଙ୍କଠାରେ ଅଛି କି, ପ୍ରତ୍ୟେକ ଦିନ ଉତ୍ପାଦନ ସମାନ କି, ଅଧିକ ଦୁଗ୍ଧ ଶୀତଳିକରଣ ପ୍ଲାଣ୍ଟ ସ୍ଥାପନ କରି ଚାଷୀଙ୍କ ଚାହିଦା ପୁରଣ କରିବା ସକାଶେ ସରକାରଙ୍କ ଯୋଜନା କଣ ହେବ ?

----

## ବିଜୁ ଜ୍ୟୋତି ଯୋଜନାରେ ସୁବିଧା

*718 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ବିଜୁ ଜ୍ୟୋତି ଯୋଜନାରେ କି କି ସୁବିଧାମାନ ଉପଲବଧ ହେଉଛି ଓ ଚଳିତ 2024 - 25 ବର୍ଷରେ କେତେ ସଂଖ୍ୟକ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି (ଖ) ବିଭିନ୍ନ ଜିଲ୍ଲାମାନଙ୍କରୁ ଏହି ବିଜୁ ଜ୍ୟୋତି ଯୋଜନାର ପ୍ରସ୍ତାବ ଗୁଡ଼ିକ କେବେ ଅନୁମୋଦନ ଲାଭ କରି ହିତାଧିକାରୀଙ୍କୁ ମାଗଣା ବିଜୁଳି ସଂଯୋଗ ଦିଆଯିବ ?

----

## ନୂତନ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା

*719 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନ ଓଡିଶାରେ ୩ ଟି କୃଷି ମହାବିଦ୍ୟାଳୟ ସମ୍ବଲପୁର, କଳାହାଣ୍ଡି ଓ ଖୋର୍ଦ୍ଧା ଜିଲ୍ଲାରେ ଉପଲବ୍ଧ ଅଛି ଉତ୍ତର ଓଡିଶାରେ କୌଣସି କୃଷି ଅଧ୍ୟୟନ ପାଇଁ କୌଣସି ଅନୁଷ୍ଠାନ ନାହିଁ ତେଣୁ ବେଲେଶ୍ୱର କିମ୍ବା ମୟୁରଭଞ୍ଜ ଜିଲ୍ଲାରେ ନୂତନ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ରଖିଛନ୍ତି କି, ଯଦି ହଁ, କେବେ ସୁଦ୍ଧା ଏହା ପ୍ରତିଷ୍ଠା ହେବ ?

----

## Ration for Income Tax Payers

*720 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Is there any proposal of Government for continuation of ration for income tax payer beneficiaries ? (b) if not, what alternative arrangements are being considered to safeguard their ration entitlements?

----